# NATIONAL NEWS BULLETIN (ODIA)

## 7th February - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ରଣନୈତିକ ସହଭାଗିତା ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ଦୁଇଦିନିଆ କୁଆଲାଲମ୍ପୁର ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଛତିଶଗଡ଼ ଗସ୍ତରେ ଯାଇ ପ୍ରଶାସନିକ ଓ ଆଭ୍ୟନ୍ତରୀଣ ସୁରକ୍ଷା ବିଷୟ ସମୀକ୍ଷା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀପାଇଁ ଦେଶ ବିଦେଶରୁ ମିଳିଛି ୨୫୦ରୁ ଅଧିକ ସନ୍ଦର୍ଭ ।
- ୪ ବର୍ଷର ବ୍ୟବଧାନ ପରେ ପୁଣି ଆରମ୍ଭ ହେବ ଆମେରିକା ଓ ରୁଷ ମଧ୍ୟରେ ସାମରିକ ଆଲୋଚନା ।

ଏବଂ

- ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତର ଐତିହାସିକ ବିଜୟ ।

— ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

## ପି.ଏମ୍. - କ୍ୱାଲାଲମ୍ପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜିଠାରୁ ଦୁଇଦିନିଆ କୁଆଲାଲମ୍ପୁର ଗସ୍ତ କରିବେ । ଗସ୍ତକାଳରେ ଉଭୟ ଦେଶ ରଣନୈତିକ ଭାଗିଦାରିତା ଦୃଢ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଚୁକ୍ତିର ସମୀକ୍ଷା କରିବେ । ମାଲେସିଆରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ବି.ଏନ୍. ରେଡ୍ଡୀ କହିଛନ୍ତି, ଉଭୟ ଦେଶ ଆଗାମୀ ଦିନରେ ବାଣିଜ୍ୟ ଏବଂ ଅର୍ଥନୀତି, ବୃଦ୍ଧି ପାଉଥିବା ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ଶିକ୍ଷା ଭଳି କ୍ଷେତ୍ରଗୁଡ଼ିକୁ ଦୃଢ଼ କରିବା ଲାଗି ଆଲୋଚନା କରିବେ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ କୁଆଲାଲମ୍ପୁର ଗସ୍ତ ସେଠାରେ ରହୁଥିବା ଭାରତୀୟଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଚି । ପ୍ରବାସୀ ଭାରତୀୟଙ୍କଦ୍ୱାରା କୁଆଲାଲମ୍ପୁରରେ ମୋଦିଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପ୍ରଧାନମନ୍ତ୍ରୀ ସେହି କାର୍ଯ୍ୟକ୍ରମରେ ମାଲେସିଆ ପ୍ରଧାନମନ୍ତ୍ରୀଙ୍କ ସହ ଯୋଗଦେଇ ଉଦ୍‌ବୋଧନ ଦେବେ ବୋଲି ଜଣାପଡ଼ିଛି । ଆସନ୍ତାକାଲି ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ପରେ ମାଲେସିଆ ସହ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଅମିତ ଶାହା - ଭିଜିଟ୍ ଛତିଶଗଡ଼

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ସନ୍ଧ୍ୟାରେ ତିନିଦିନିଆ ଗସ୍ତରେ ଛତିଶଗଡ଼ ଯିବେ । ଗସ୍ତକାଳରେ ଶ୍ରୀ ଶାହା ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା ପରିସ୍ଥିତିର ସମୀକ୍ଷା କରିବା ସହ ମାଓବାଦ ପରିସ୍ଥିତିର ସମୀକ୍ଷା କରିବେ । ଶ୍ରୀ ଶାହା ରାୟପୁର ଏବଂ ଜଗଦଳପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ ରାୟପୁରଠାରେ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରଶାସନିକ ଏବଂ ସୁରକ୍ଷା ସମ୍ବନ୍ଧୀୟ ଘଟଣାଗୁଡ଼ିକର ସେ ସମୀକ୍ଷା କରିବେ । ଆସନ୍ତାକାଲି ଶ୍ରୀ ଶାହା ରାୟପୁରଠାରେ ମାଓବାଦ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଓ ସୁରକ୍ଷା ସଂସ୍ଥାଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ରହିବେ । ୯ ତାରିଖ ସୋମବାର ଦିନ ଜଗଦଳପୁରରେ ବସ୍ତର ଉତ୍ସବର ଉଦ୍‌ଯାପନୀ ସମାରୋହରେ ଶ୍ରୀ ଶାହା ଯୋଗଦେବେ ।

# ଏଲ୍.ଏସ୍. ବି.ବି.ବି.ପି

ସରକାର କହିଛନ୍ତି, ବେଟି ବଚାଓ ବେଟି ପଢ଼ାଓ ଯୋଜନା ଏକ ନୀତିଗତ ପଦକ୍ଷେପରୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି ।

ଗତକାଲି ଲୋକସଭାରେ ଏକ ଲିଖିତ ଉତ୍ତରରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ଜାତୀୟ ସ୍ତରରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ୨୦୧୪-୧୫ରେ ୯୧୮ ଥିବାବେଳେ ୨୦୨୪-୨୫ରେ ୯୨୯ ହୋଇଛି ଏବଂ ମାଧ୍ୟମିକ ସ୍ତରରେ ବିଦ୍ୟାଳୟରେ ଝିଅମାନଙ୍କର ମୋଟ୍ ନାମ ଲେଖା ଅନୁପାତ ୨୦୧୪-୧୫ରେ ୭୫ ଦଶମିକ୍ ୫/୧ ପ୍ରତିଶତରୁ ୨୦୨୪-୨୫ରେ ୮୦ ଦଶମିକ୍ ୨ ପ୍ରତିଶତକୁ ବୃଦ୍ଧି ପାଇଛି । ସେ କହିଛନ୍ତି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ୨୦୨୦-୨୧ ଏଚ୍.ଏମ୍.ଆଇ.ଏସ୍. ତଥ୍ୟ ଅନୁଯାୟୀ ଜିଲ୍ଲାଗୁଡ଼ିକର ଜନ୍ମ ସମୟରେ ଲିଙ୍ଗ ଅନୁପାତ ଏସ୍.ଆର୍.ବି. ସ୍ଥିତି ଆଧାରରେ ସେମାନଙ୍କୁ ପାଣ୍ଠି ଯୋଗାଇ ଦିଆଯାଇଥାଏ । ମନ୍ତ୍ରୀ କହିଛନ୍ତି, ଶିଶୁ ଲିଙ୍ଗ ଅନୁପାତ ଏବଂ ଜୀବନଚକ୍ର ନିରନ୍ତରତାରେ ଝିଅ ଏବଂ ମହିଳା ସଶକ୍ତିକରଣ ସହିତ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବା ଲକ୍ଷ୍ୟ ନେଇ ବେଟି ବଚାଓ ବେଟି ପଢ଼ାଓ ଯୋଜନା ୨୨ ଜାନୁଆରୀ ୨୦୧୫ରେ ଆରମ୍ଭ ହୋଇଥିଲା ।

## ଇଣ୍ଡିଆ ଏ.ଆଇ. ସମ୍ମିଟ୍

'ଭାରତ କୃତ୍ରିମ ବୁଦ୍ଧିମତ୍ତା' ପ୍ରଭାବ ସମ୍ମିଳନୀ-୨୦୨୬ ନିମନ୍ତେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରୁ ତଥା ବିଶ୍ୱସ୍ତରୀୟ ଗବେଷଣା

ସଂସ୍ଥାଗୁଡ଼ିକରୁ ୨୫୦ରୁ ଅଧିକ ସନ୍ଦର୍ଭ ମିଳିଛି । ଚଳିତ ମାସ ୧୮ ତାରିଖରୁ ନୂଆଦିଲ୍ଲୀରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ ଏହି ସମ୍ମିଳନୀପାଇଁ ଗ୍ଲୋବାଲ୍ ସାଉଥ୍ ପୋଷ୍ଟର ଟ୍ରାକ୍ ଅଧୀନରେ ୩୦ଟି ପୋଷ୍ଟର ଚୟନ କରାଯିବାକୁ ଥିବାବେଳେ ଇଣ୍ଡିଆ ଫୋରମ୍ ନିମନ୍ତେ ୧୫ଟି ଓ ଛାତ୍ରଛାତ୍ରୀଙ୍କ ଫୋରମ୍ ପକ୍ଷରୁ ଅନ୍ୟ ୧୫ଟି ପୋଷ୍ଟର ଚୟନ କରାଯିବ । ଏ.ଆଇ. ପ୍ରଭାବ ସମ୍ମିଳନୀରେ ଗ୍ଲୋବାଲ୍ ସାଉଥ୍ ଗବେଷଣା ଏବଂ ପୋଷ୍ଟର ପ୍ରଦର୍ଶନୀରେ ଛାତ୍ରଛାତ୍ରୀ ଓ ସହଯୋଗୀ ଦଳ ପକ୍ଷରୁ ଗ୍ଲୋବାଲ୍ ସାଉଥ୍‌ର ବିଭିନ୍ନ ପ୍ରସଙ୍ଗକୁ ନେଇ ପୋଷ୍ଟର ପ୍ରଦର୍ଶନୀ କରାଯିବ । ଏସମ୍ପର୍କରେ ଅଧିକ ତଥ୍ୟ impact.indiaai.gov.in ୱେବ୍‌ସାଇଟ୍‌ରୁ ମିଳିପାରିବ ।

## ରୁଷ୍-ୟୁକ୍ରେନ୍ ଡାଏଲଗ୍

ଆମେରିକା ଓ ରୁଷ୍ ମଧ୍ୟରେ ୪ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଉଚ୍ଚସ୍ତରୀୟ ସାମରିକ ଆଲୋଚନା ହେବ । ୟୁକ୍ରେନ୍ ସଂଘର୍ଷ ପୂର୍ବରୁ ୨୦୨୧ରେ ଉଚ୍ଚସ୍ତରୀୟ ସାମରିକ ଆଲୋଚନାକୁ ସ୍ଥଗିତ ରଖାଯାଇଥିଲା । ସେହିବର୍ଷ ଫେବୃୟାରୀରେ ୟୁକ୍ରେନ୍ ଉପରେ ରୁଷ୍‌ର ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଦ୍ୱିତୀୟଥର ରାଷ୍ଟ୍ରପତି ପଦବୀ ଲାଗି

ନିର୍ବାଚନ ପ୍ରଚାର କରିବା ସମୟରେ ଉଭୟ ଦେଶ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ଲାଗି ପ୍ରତିଶ୍ରୁତି ଦେଇଥିଲେ ।

ରାଷ୍ଟ୍ରପତି ଟ୍ରମ୍ପ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଭୟ ଦେଶ ମଧ୍ୟରେ ଏକ ଉନ୍ନତ ଏବଂ ଆଧୁନିକ ଅଣୁଅସ୍ତ୍ର ଚୁକ୍ତିନାମା ପାଇଁ ଆହ୍ୱାନ ଦେଇଥିବା ଜଣାପଡ଼ିଛି ।

## ରଷିଆନ୍ ଜେନେରାଲ୍ ସଟ୍

ରୁଷ୍‌ର ମୁଖ୍ୟ ବୈଦେଶିକ ସାମରିକ ଗୁଇନ୍ଦା ବିଭାଗର ଉପମୁଖ୍ୟଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ସୂଚନା ମିଳିଛି । ସେଠାକାର ଆଇନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଲେଫ୍‌ଟନାଣ୍ଟ ଜେନେରାଲ୍ ଭ୍ଲାଦିମିର୍ ଆଲେକସେଭ୍‌ଙ୍କୁ ଅଜଣା ଆତତାୟୀ ଗୁଳି କରିଥିଲେ । ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ମୃତ୍ୟୁ ଘଟିଥିଲା । ରୁଷ୍ ପକ୍ଷରୁ ଏହି ହତ୍ୟା ନେଇ ୟୁକ୍ରେନ୍‌କୁ ଦାୟୀ କରାଯାଇଛି । ୨୦୨୨ ପରଠାରୁ ଅନେକ ଗୁଡ଼ିଏ ରୁଷ୍ ଅଧିକାରୀଙ୍କୁ ହତ୍ୟା କରିବା ପଛରେ ୟୁକ୍ରେନ୍‌ର ହାତ ରହିଥିବା ଅଭିଯୋଗ ହୋଇଆସୁଛି ।

## ଇ.ସି.ଆଇ - ଏସ୍.ଆଇ.ଆର୍

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶରେ ଅଭିଯୋଗ ଦାଖଲ କରିବା ନିମନ୍ତେ ନିର୍ବାଚନ ଆୟୋଗ ସମୟସୀମା ବୃଦ୍ଧି କରିଛନ୍ତି । ଆସନ୍ତାମାସ ୬ ତାରିଖ ପର୍ଯ୍ୟନ୍ତ ୬, ୭ ଏବଂ ୮ ନମ୍ବର ଫର୍ମ ଦାଖଲ କରାଯାଇପାରିବ ବୋଲି କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି । ଏହି ଫର୍ମଗୁଡ଼ିକ ଜରିଆରେ ଭୋଟର ତାଲିକା ନାମ ଦରଜ କରିବା ଓ ବାଦ୍‌ଦେବା ଲାଗି ଆବେଦନ କରିହେବ । ମାର୍ଚ୍ଚ ୨୭ ସୁଦ୍ଧା ନିର୍ବାଚନ ଆୟୋଗ ସମସ୍ତ ଅଭିଯୋଗର ସମାଧାନ କରିବା ପରେ ଏପ୍ରିଲ୍ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।

## ଆଇ.ସି.ସି. ୟୁ.୧୯ କ୍ରିକେଟ୍

ଭାରତ ଷଷ୍ଠ ଥରଲାଗି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟାଇଟାଲ୍ ହାସଲ କରି ରେକର୍ଡ଼ ସୃଷ୍ଟି କରିଛି । ଗତକାଲି ଜିମ୍ବାୱେର ହରାରେଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ୧୦୦ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ଭାରତ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା । ବୈଭବ ସୂର୍ଯ୍ୟବଂଶୀ ୮୦ଟି ବଲ୍‌ରୁ ୧୭୫ ରନ୍ ସ୍କୋର କରିଥିବାବେଳେ ଆୟୁଷ

ମାହାତ୍ରେ ୫୩, ଅଭିଯାନ କୁଣ୍ଡୁ ୪୦ ରନ୍ ସ୍କୋର କରିଥିଲେ । ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ବିନିମୟରେ ୪୧୧ ରନ୍ କରିଥିଲା । ଏହାର ଜବାବରେ ଇଂଲଣ୍ଡ ୪୦ ଓଭର ୨ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୩୧୧ ରନ୍ କରିବାକୁ ସକ୍ଷମ ହୋଇଥିଲା ।

## ପ୍ରେଜ. ଭିପି ପି.ଏମ୍.

୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତର ବିଜୟ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟପତି ସି.ପି. ରାଧାକ୍ରିଷ୍ଣନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ’ ଷଷ୍ଠ ଥରପାଇଁ ଭାରତ ଏହି ଟାଇଟଲ୍ ହାସଲ କରିଥିବାରୁ ଏବଂ ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ଜିତିଥିବାରୁ ଏହାକୁ ଅଭୂତପୂର୍ବ ସଫଳତା ବୋଲି କହିଛନ୍ତି । ସେ ଯୁବ କ୍ରିକେଟିୟରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ’ ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱକପ୍ ଫାଇନାଲ୍‌ରେ ରେକର୍ଡ଼ କରିଥିବାରୁ ଶୁଭେଚ୍ଛା ଜଣାଇବା ସହ ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଏହି ବିଜୟ ଗୌରବର ମୁହୂର୍ତ୍ତ ବୋଲି କହିଚନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଯୁବ ଖେଳାଳିମାନେ ସେମାନଙ୍କ ଅଦମ୍ୟ ଦକ୍ଷତା ପ୍ରଦର୍ଶନ କରିଥିବା କହିଛନ୍ତି । ଶ୍ରୀ ମୋଦି ଦଳର ଯୁବ କ୍ରୀଡ଼ାବିତ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

*****